# ରବି ରାୟ

## ପ୍ରଫେସର୍ ବିରେନ୍ଦ୍ର ନାୟକ

## (୯୧ତମ ଜୟନ୍ତୀ ଅବସରରେ ଲୋହିଆ ଏକାଡେମୀଠାରେ ଉପସ୍ଥାପିତ ବକ୍ତବ୍ୟର ସମ୍ପାଦିତ ସଂସ୍କରଣ)

ଏକ ବ୍ୟକ୍ତିଗତ ଅନୁଭୂତିରୁ ହିଁ ମୋର ବକ୍ତବ୍ୟ ଆରମ୍ଭ କରିବି -

୨୬ ନଭେମ୍ବର ଥିଲା ସେ ଦିନ । ମସିହା ମନେ ପଡୁନାହିଁ । ଫୁଲ ତୋଡ଼ାଟିଏ ଧରି ପହଂଚିଥିଲି ପୂଜ୍ୟ ରବି ରାୟଙ୍କର କଲ୍ୟାଣୀନଗର ବାସଭବନ ଠାରେ, ଦିନର ପ୍ରଥମାର୍ଦ୍ଧରେ । ମୁଁ ଭାବିଥିଲି ବହୁତ ଭିଡ଼ ହୋଇଥିବ । ବହୁ ଶୁଭେଚ୍ଛୁ ଆସିଥିବେ ତାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବାକୁ । କିନ୍ତୁ କେହି ନ ଥିଲେ । ମୁଁ ଭାବିଲି ଭୁଲ ହିସାବ କଲି କି? ଆଜି ନଭେମ୍ବର ୨୬ ନୁହେଁ କି? ମୋବାଇଲରେ ଦେଖିଲି ଦେଖାଉଛି ୨୬ ନଭେମ୍ବର । ତାହାହେଲେ ଏପରି ଶୂନଶାନ ପରିବେଶ କାହିଁକି? ଉପସ୍ଥିତ ଜଣେ କର୍ମଚାରୀଙ୍କୁ ମୋ ପରିଚୟ ଦେଇ କହିଲି ଭିତରେ ଜଣାଇ ଦେବାକୁ । ସେ ଭଦ୍ର ଲୋକ ଜଣାଇ ଦିଅନ୍ତେ, ମାଡାମ୍ ସରସ୍ୱତୀ ସ୍ୱାଇଁ ଆସି ଆମକୁ ଭିତରକୁ ନେଇଗଲେ । ମୋ ସହିତ ମୋ ପୁଅ ଥିଲା । ତାକୁ ରବିବାବୁ ଖୁବ ସ୍ନେହ କରୁଥିଲେ । ଆମେ ବସିଲୁ ତାଙ୍କ ବୈଠକଖାନାରେ । ରବିବାବୁ ଆସିଲେ । ଆମେ ଠିଆହୋଇ ତାଙ୍କୁ ପ୍ରଣାମ କଲୁ । କିନ୍ତୁ ଶୁଣିଲୁ ନାହିଁ ପୂର୍ବ ଭଳି ଆମକୁ ଉଚ୍ଚ ସ୍ୱରରେ ସମ୍ଭାଷଣ । ମନେ ହେଲା ଯେପରି ସେ ଆମକୁ ଚିହ୍ନି ପାରୁନାହାନ୍ତି । ସରସ୍ୱତୀ ଦେବୀ ଦୋହରାଇଲେ ଆମ ପରିଚୟ ଓ କହିଲେ ସେମାନେ ତୁମ ଜନ୍ମଦିନରେ ଏହି ଫୁଲତୋଡ଼ା ଆଣିଛନ୍ତି । ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ମୋ ଜନ୍ମ ଦିନ? କେବେ?" ସରସ୍ୱତୀ ଦେବୀ କହିଲେ, "ଆଜି ପରା ।" ସରସ୍ୱତୀ ଦେବୀ ମୋତେ କହିଲେ ଆମର ତ ଜନ୍ମ ଦିନ ପାଳନ ହୁଏ ନାହିଁ । ସେଇଠୁ ମୁଁ ବୁଝିଲି କାହିଁକି ତାଙ୍କ ବାସଭବନରେ ଶୁଭେଚ୍ଛୁଙ୍କ ଭିଡ଼ ନାହିଁ । ତାଙ୍କର ଆମକୁ ନଚିହ୍ନି ପାରିବାର କାରଣ ଥିଲା ସେତେବେଳକୁ ସେ ଆକ୍ରାନ୍ତ ହେଲେଣି ଭୁଲିଯିବା ବ୍ୟାଧିରେ ଅର୍ଥାତ୍ Dementia ରେ । ରବି ବାବୁଙ୍କୁ ଏହିଭଳି ବ୍ୟାଧିହେବ ତାହା ପ୍ରକୃତରେ ଅଦୃଷ୍ଟର ତାଙ୍କପ୍ରତି ଥିଲା କ୍ରୁର ପରିହାସ । କାରଣ ସେ କହୁଥିଲେଂ, "ଲୋକଙ୍କୁ ମନେ ରଖିବାରେ ମୋର ଗୋଟାଏ ବଡ଼ ଆନନ୍ଦ । ମୁଁ ଜଣେ କାହାକୁ କୌଣସି ସ୍ଥାନରେ ଥରେ ଦେଖି ଥିବି ବହୁକାଳ ପରେ ମଧ୍ୟ ତାକୁ ଅପ୍ରତ୍ୟାଶିତ ଭାବେ ଅନ୍ୟ କୌଣସି ସ୍ଥାନରେ ଦେଖିଲେ ମଧ୍ୟ ଚିହ୍ନି ନେଇପାରେ ।...ମୁଁ ଯାହାକୁ ଥରେ କେଉଁଠି ଭେଟି ଥାଏ ତାର ନାଁ, ଠିକଣା, ବୃ ି ସବୁ ମନେ ରଖିଥାଏ ।" କହିବା ବାହୁଲ୍ୟ ଯେ ଏହା ସେ ବ୍ୟକ୍ତିଟିକୁ ମଧ୍ୟ ଆନନ୍ଦିତ କରେ ଯାହାକୁ ରବି ବାବୁ ସହସା ଚିହ୍ନିଦିଅନ୍ତି । ତେଣୁ ଆଜିର ଦିନ,୨୬ ନଭେମ୍ବର ୨୦୧୭, ରେ 'ଭାରତୀୟ ସମ୍ବିଧାନର ସାର୍ବଭୌମତ୍ୱ : ପ୍ରସଙ୍ଗ ଓ ଆହ୍ୱାନ' ଉପରେ ଆଲୋଚନା କରିବା ବୋଧହୁଏ ତାଙ୍କ ପ୍ରତି ଆମର ଶ୍ରଦ୍ଧା ଓ ସମ୍ମାନର ଯଥାର୍ଥ ଅଭିବ୍ୟକ୍ତି ହେବ । ଏହା ହୋଇପାରେ ଏକ ସଂଯୋଗ ଯେ ତାଙ୍କର ୨୩ତମ ଜନ୍ମଦିନ ହିଁ ଭାରତୀୟ ସମ୍ବିଧାନ ଅନୁମୋଦିତ ହେଲା । ହୋଇପାରେ ଏକ ସଂଯୋଗ ଯେ ସମ୍ବିଧାନରେ ପ୍ରତିଶୃତ ସଂସଦୀୟ ଗଣତନ୍ତ୍ରର ପରିଚାଳନାର ଦାୟିତ୍ୱ ତାଙ୍କୁ ନେବାକୁ ପଡ଼ିଲା ୬୩ତମ ଜନ୍ମଦିନର ମାତ୍ର ୨୩ ଦିନ ପରେ, ୧୯/୧୨/୧୯୮୯ ଦିନ, ସର୍ବସମ୍ମତି କ୍ରମେ ବାଚସ୍ପତି ଭାବେ ନିର୍ବାଚିତ ହୋଇ ।

### ***ବାଚସ୍ପତି ରବି ରାୟ (୯ମ ଲୋକସଭା:୧୯/୧୨/୧୯୮୯ - ୦୯/୭/୧୯୯୧)***

ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ସଂସଦର ପୌରହିତ୍ୟ ଓ ପରିଚାଳନା ପାଇଁ ସେ ସବୁ ରାଜନୈତିକ ଦଳମାନଙ୍କର ହେଲେ ପସନ୍ଦଯୋଗ୍ୟ ବ୍ୟକ୍ତିତ୍ୱ । ସଂସଦ ଭବନର ପାହାଚରେ ମୁଣ୍ଡିଆ ମାରି ନଥିବେ ସେ ନିଶ୍ଚୟ, କିନ୍ତୁ ଥରେ ଏହି ଦାୟିତ୍ୱ ନେଲା ପରେ ତାଙ୍କର ଦୁଇବର୍ଷରୁ କମ କାର୍ଯ୍ୟକାଳ ମଧ୍ୟରେ ସେ ଯେଉଁ ଭୂମିକା ନିର୍ବାହ କରିଲେ ତାହାକୁ ସଂଯୋଗ କୁହା ଯାଇ ନପାରେ । ସେ ଭୂମିକାରେ ପ୍ରତିଫଳିତ ହୋଇଥିଲା ତାଙ୍କର ଦକ୍ଷତା, ଗଣତନ୍ତ୍ର ପ୍ରତି ପ୍ରକୃତ ଅର୍ଥରେ ପ୍ରତିବଦ୍ଧତା ଓ ସଂସଦର ପରାକାଷ୍ଠାକୁ ସମ୍ବିଧାନର ସୀମା ଭିତରେ ବଜାୟ ରଖିବାର ଦୃଢ଼ତା । ବାଚସ୍ପତି ପଦର ମର୍ଯ୍ୟାଦା ଓ ଏହି ପଦରେ ଅଧିଷ୍ଠିତ ବ୍ୟକ୍ତି କେଉଁ କେଉଁ ଗୁଣର ଅଧିକାରୀ ହେବା ଉଚିତ ତାହା

ବର୍ଣ୍ଣନା କରି ଜଓ୍ୱାହାରଲାଲ ନେହେରୁ କହିଥିଲେ[୨]- The Speaker represents the House. He/she represents the dignity of the House, the freedom of the House and because the House represents the nation, in a particular way, the Speaker becomes a symbol of nation's freedom and liberty. Therefore that should be an honoured position, a free position and should be occupied always by persons of outstanding ability and impartiality.

ରବିବାବୁଙ୍କର ବାଚସ୍ପତିଭାବେ କାର୍ଯ୍ୟକାଳର ଅନୁଶୀଳନ କଲେ ଦେଖାଯାଏ ଯେ ସେ ନେହେରୁ ନିର୍ଦ୍ଧାରିତ ଗୁଣଗୁଡ଼ିକର ଅଧିକାରୀ ଥିଲେ।

### *ତିନୋଟି ପ୍ରଥମ ଦୃଷ୍ଟାନ୍ତ*

ପୂର୍ବରୁ ଏପରି କୌଣସି ଦୃଷ୍ଟାନ୍ତ ନ ଥିବା ବେଳେ ଜଣେ ଉଚ୍ଚତମ ନ୍ୟାୟାଳୟର ବିଚାରପତିଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରସ୍ତାବକୁ ସଂସଦରେ ଗ୍ରହଣ କରିବା ଓ ବିଧି ଅନୁଯାୟୀ ଏକ କମିଟି ଦ୍ୱାରା ଅଭିଯୋଗ ଗୁଡିକର ଯାଂଚ କରାଇବା ଓ ତାଙ୍କ ବିରୋଧରେ କମିଟି ମତ ଦେବା ଫଳରେ ତାଙ୍କୁ ଭର୍ତ୍ସନା କରାଯିବାର ରୁଲିଂ ଘୋଷଣା କରିବା, ତାହା ପୁଣି ପାର୍ଲିଆମେ  ଭାଙ୍ଗିବାର ଶେଷ ଦିନରେ, କିଛି କମ୍ ଦକ୍ଷତା ଓ ଦୃଢ଼ତାର ପରିଚୟ ଦିଏ ନାହିଁ । ଯଦି ଏହା ନ କରିବାପାଇଁ ତାଙ୍କ ଉପରେ ପଡୁଥିବା ରାଜନୈତିକ ଚାପ (ରାଜୀବ ଗାନ୍ଧୀଙ୍କ ଦ୍ୱାରା ପରୋକ୍ଷରେ ଓ ନରସିଂହ ରାଓ ଇତ୍ୟାଦିଙ୍କ ଦ୍ୱାରା ପ୍ରତ୍ୟକ୍ଷରେ)କୁ ସେ କିପରି ସାମ୍ନା କରିଥିଲେ, ଦେଖାଯାଏ ତାହାହେଲେ ସଂସଦର ଗାରିମାକୁ ସେ କିପରି ରକ୍ଷା କରୁଥିଲେ ତାହା ସ୍ପଷ୍ଟ ବୁଝାଯାଏ । ତାଙ୍କରି ଭାଷାରେ[୩], "ନିୟମ ଅନୁଯାୟୀ ପୁରୁଣା ପାର୍ଲିଆମେ  ଭାଙ୍ଗିବା ପୂର୍ବରୁ ଯଦି ମୁଁ ରାମସ୍ୱାମୀଙ୍କୁ ଭର୍ତ୍ସନା କରିବାକୁ ପାର୍ଲିଆମେ  ରେ ଘୋଷଣା କରିଦେଇଯିବି ତେବେ ତାହା ନୂଆ ପାର୍ଲିଆମେ  ଗଢ଼ା ହେବା ପରେ ମଧ୍ୟ କାଏମ ରହିବ ।... ପାର୍ଲିଆମେ  ର ଶେଷ ଦିନ । ଅର୍ଥାତ୍ ବାଚସ୍ପତି ରୂପେ ମୋର କାର୍ଯ୍ୟକାଳ ମଧ୍ୟ ସେଇ ଦିନ ପୁରିଯିବ । ପାର୍ଲିଆମେ  ରେ ଯଦି ସେଇଦିନ ମୁଁ ରାମସ୍ୱାମୀଙ୍କୁ ଭର୍ତ୍ସନା କଥାଟା ଘୋଷଣା କରି ନ ପାରୁଛି ତା ହେଲେ ସେହି ଅଧ୍ୟାୟ ସେଇଠି ବନ୍ଦ ହୋଇଯିବ । ମୁଁ ମନ ଭିତରେ ଠିକ କରି ନେଲି ଯେ ଯେତେବେଳେ ଗୃହକୁ ମୁଲତବୀ କରିବି ଠିକ ତା ପୂର୍ବରୁ ରାମସ୍ୱାମୀଙ୍କ ଭର୍ତ୍ସନା କଥାଟା ଘୋଷଣା କରିଦେବି ।....ତାହା ଶେଷ ଦିନ ହୋଇଥିବାରୁ ବିଧି ଅନୁଯାୟୀ ମୁଁ ସଭ୍ୟମାନଙ୍କୁ ଧନ୍ୟବାଦ ଦେବା କଥା । ମୁଁ ତାହା ବାତିଲ କରି ରାମସ୍ୱାମୀଙ୍କୁ ଭର୍ତ୍ସନା କରାଯିବା ମୋର ରୁଲିଂ ଘୋଷଣା କରିଦେଲି । ଏହା ଏତେ ଅପ୍ରତ୍ୟାଶିତ ଥିଲା ଯେ ସମଗ୍ର ଗୃହ ବିସ୍ମୟଚକିତ ହୋଇଗଲା ।" ଏହା କେବଳ ରବି ବାବୁଙ୍କର ଦୃଢ଼ତା ଓ ଦକ୍ଷତାର ପରିଚୟ ନୁହଁ ଏହା ତାଙ୍କ ଭିତରେ ଥିବା ଦୁର୍ନୀତି ପ୍ରତି ଗଭୀର ଅସୂୟାର ମଧ୍ୟ ପ୍ରତିଫଳନ । ଜଣେ ବିଚାରପତି ଦୁର୍ନୀତିରେ ସଂପୃକ୍ତ ହୋଇପାରେ ତାହା ସେ ହଜମ କରନ୍ତେ କିପରି ? ଏହା ତ ଭିନ୍ନ କଥା ଯେ ପରବ ୍ତୀ ପାର୍ଲିଆମେ  ରେ ଆବଶ୍ୟକୀୟ ଦୁଇ ତୃତୀୟାଂଶ ସଦସ୍ୟଙ୍କର ମହାଭିଯୋଗ ପ୍ରସ୍ତାବ ସପକ୍ଷରେ ସମର୍ଥନ ସମ୍ଭବ ହେଲା ନାହିଁ କାରଣ କଂଗ୍ରେସ ସଦସ୍ୟମାନେ ସମର୍ଥନରୁ ନିବୃ  ରହିଲେ ।

ଆଉ ଏକ ନିର୍ଭୀକ ନିଷ୍ପ ି ଥିଲା ପ୍ରଥମ ଥର ପାଇଁ ଦଳ ବଦଳ ଆଇନର ପ୍ରୟୋଗ କରିବା ଓ ଚନ୍ଦ୍ରଶେଖର ସରକାରଙ୍କ ପ୍ରତି ବିଶ୍ୱାସ ମତକୁ ସମର୍ଥନ କରିଥିବା ଆଠଜଣ ସାଂସଦଙ୍କର ଲୋକସଭା ସଦସ୍ୟତାକୁ ନାକଚ କରିଦେବା । ଏହି ଆଠଜଣଙ୍କ ଭିତରେ ଥିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ବିଦ୍ୟାଚରଣ ଶୁକ୍ଳ ଯିଏ କି ତାଙ୍କ ନାଁକୁ ତାଲିକାରୁ ବାଦ ଦେବା ପାଇଁ ରବି ବାବୁଙ୍କ ପାଖରେ ଏକ ପ୍ରକାର ଅଳି କରିଥିଲେ, କିନ୍ତୁ ବିଫଳ ହୋଇଥିଲେ । ଏହି ନିଷ୍ପ ି ନେବା ପୂର୍ବରୁ ତାଙ୍କୁ ସୁବ୍ରମଣ୍ୟମ ସ୍ୱାମୀ ଧମକ ଦେବା[୪], ଯେ ସେ ତାଙ୍କୁ ଜେଲରେ ପୁରାଇ ଦେବେ, ସେତେବେଳକାର ଗଣମାଧ୍ୟମରେ ଓ ସଂସଦରେ ପ୍ରବଳ ଚର୍ଚ୍ଚାର ବିଷୟ ହୋଇଥିଲା ଯାହା ଥମି ଥିଲା ସ୍ୱାମୀଙ୍କର ନିଃସ ର୍ କ୍ଷମା ପ୍ରାର୍ଥନା ପରେ । ତାଙ୍କ ଭାଷାରେ, "ଏ ରୁଲିଂ ସେତେବେଳେ ଏକ ରାଜନୈତିକ ଭୂମିକମ୍ପ ସୃଷ୍ଟି କରିଥିଲା ।" କହିବା ବାହୁଲ୍ୟ ଯେ ଯେଉଁ ପ୍ରସ୍ତାବଗୁଡିକ ଉପରେ ନିଷ୍ପ ି ନେବାର କୌଣସି ପୂର୍ବ ନଜିର ନ ଥାଏ ସେ ପ୍ରସ୍ତାବ ଉପରେ ନିଷ୍ପ ି ନେବା ବେଶ୍ ଦକ୍ଷତା ଓ ବିଜ୍ଞତା ଦାବିକରେ, ଦାବି କରେ ମଧ୍ୟ ନିର୍ଭୀକତା ଓ ନିରପେକ୍ଷତା । ସୁପ୍ରିମକୋର୍ଟ ବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଓ ସାଂସଦଙ୍କ ବିରୋଧରେ ଦଳବଦଳ ଆଇନ ଉଲଂଘନର ଅଭିଯୋଗ ଉପରେ ସେ ଯେପରି ନିଷ୍ପ ି ନେଲେ ତାହା ସଂସଦ ପରିଚାଳନା ଇତିହାସରେ ଏକ ମାଇଲଖୁ  ହୋଇରହିଛି । ଏହିଭଳି ପ୍ରସଙ୍ଗ ଯେତେବେଳେ ଉଠିଛି ବା ଉଠୁଛି ରବିବାବୁଙ୍କର ଭୂମିକା ଓ ନିଷ୍ପ ିର ଉଲ୍ଲେଖ ହେଇଛି ଓ ହେଉଥିବ ।

ସଂସଦରେ ଆଉ ଏକ ପ୍ରଥମ ଉଦାହରଣ ରବିବାବୁ ସୃଷ୍ଟି କରିଥିଲେ । ତାହା ହେଉଛି ମାତୃଭାଷାରେ ସଂସଦରେ ଭାଷଣ ଦେବା । ସେ ସଂସଦରେ ତାଙ୍କର ଭାଷଣ ଓଡ଼ିଆରେ ଦେଇଥିଲେ ଓ ଏହା ଥିଲା ତାଙ୍କର ସଂସଦରେ ପ୍ରଥମ ଭାଷଣ ବା Maiden Speech । ଏହି ଠାରୁ ଆରମ୍ଭ ହେଲା ସଂସଦରେ ମାତୃଭାଷାରେ ଭାଷଣ ଦେବାର ପରମ୍ପରା ।

## ମୂଲ୍ୟବୋଧର ରାଜନୀତି

ରବିବାବୁ ଏକ ଭିନ୍ନ ରାଜନୈତିକ ସଂସ୍କୃତିର ବ୍ୟକ୍ତିତ୍ୱକୁ ଧାରଣ କରୁଥିଲେ । ତାଙ୍କ ରାଜନୈତିକ ସଂସ୍କୃତି ମିଛ ପ୍ରତିଶୃତି ଦେବା ପାଇଁ ତାଙ୍କୁ ବାରଣ କରୁଥିଲା । ତାଙ୍କ ଭାଷାରେ⁶, "ଲୋହିଆଙ୍କ ସଂସ୍କୃତି ନେଇ ଆମେ ଯେଉଁମାନେ ରାଜନୀତି କରୁଥିଲୁ, ଆମେ ସ୍ଥିର କରିଥିଲୁ ଯେ ଲୋକଙ୍କୁ ମିଛ ପ୍ରତିଶୃତି ଦେବୁ ନାହିଁ । ଯାହା ପ୍ରତିଶୃତି ଦେଇଥିବୁ ତାକୁ ଯଥାସାଧ୍ୟ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବୁ ।" ଆଜିକା ରାଜନୈତିକ ପରିବେଶରେ, ବିଶେଷତଃ Post Truth ବା ଉ  ର ସତ୍ୟ କାଳରେ, ଏହା ଲଙ୍କାରେ ହରି ଶବ୍ଦ ଭଳି ମନେ ହୋଇପାରେ । ରବିବାବୁ ଏହି ସଂକଳ୍ପକୁ ପାଳନ କରିଥିଲେ ଯେତେବେଳେ ସେ ଦେଖିଲେ ଯେ ସେ ତାଙ୍କର ପ୍ରତିଶୃତି ରକ୍ଷା କରିପାରୁନାହାନ୍ତି, ସେ ମୋରାରଜୀ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଲେ । ତାଙ୍କରି ଭାଷାରେ⁷, "ମୁଁ ଯେତେବେଳେ ମୋ ଇସ୍ତଫା ପତ୍ର ଧରି ମୋରାରଜୀ ଭାଇଙ୍କ ପାଖକୁ ଗଲି ଓ ଇସ୍ତଫା ଦେବାର କାରଣ ଦର୍ଶାଇଲି ସେ ଆଶ୍ଚର୍ଯ୍ୟ ହୋଇଗଲେ । ପଚାରିଲେ, "ତୁମେ କଣ ସତରେ ଇସ୍ତଫା ଦେଇ ଦେଉଛ ?" ସେ ଏପରି ପଚାରିଲେ ଯେହେତୁ ଏଭଳି କାରଣରୁ ସେ ପର୍ଯ୍ୟନ୍ତ କୌଣସି ମନ୍ତ୍ରୀ କେବେ ଇସ୍ତଫା ଦେଇ ନଥିଲେ ।" ସେ "ସଂସଦକୁ ନିର୍ବାଚିତ ହୋଇଯିବା ଏକ ବୃ ି ବା ଚାକିରି" ବୋଲି କେବେ ଭାବି ନଥିଲେ । ଯେଉଁ ରାଜନୈତିକ ସଂସ୍କୃତିରେ ସେ ବଢୁଥିଲେ ତାହା ସୁପ୍ରିମୋ ସଂସ୍କୃତି ନଥିଲା । ତାଙ୍କର ନେତା ଡକ୍ଟର ରାମମନୋହର ଲୋହିଆ ଥିଲେ କିନ୍ତୁ ସେ ତାଙ୍କ ପାଇଁ ବା ତାଙ୍କର ସହ ଅନୁଯାୟୀ ବା ଦଳୀୟ କର୍ମୀଙ୍କ ପାଇଁ ସୁପ୍ରିମୋ ନଥିଲେ । ତେଣୁ ସେ ସଂସ୍କୃତିରେ ବଢୁଥିବା ରାଜନୈତିକ ବ୍ୟକ୍ତିମାନଙ୍କ ପାଇଁ ସାଂସଦ ହେବା ବୃ ି ନ ଥିଲା ।

## ନିର୍ବାଚନୀ ରାଜନୀତିରୁ ଅବସର

ବୋଧହୁଏ ଏହି ସଂସ୍କୃତିକୁ ରବି ବାବୁ ଏପରି internalise ବା ଅନ୍ତରସ୍ଥ କରି ଦେଇଥିଲେ ଯେ ୧୯୯୬ ପରେ ସେ ନିର୍ବାଚନୀ ରାଜନୀତିରୁ ଅବସର ନେଇଗଲେ, ମାତ୍ର ୭୦ବର୍ଷ ବୟସରେ, ଓ ୧୯୯୭ ମସିହାରେ ସ୍ଥିର କଲେ ଯେ ସେ କୌଣସି ରାଜନୈତିକ ଦଳରେ ରହିବେ ନାହିଁ । ତାଙ୍କରି ଭାଷାରେ "ଏଥିରୁ କେହି ଭାବିବା ଉଚିତ ନୁହେଁ ଯେ ମୁଁ ରାଜନୀତିରୁ ନିଜକୁ ଅଲଗା କରି ଦେଲି ।" ଏହା ପରେ ତାଙ୍କର ସମୟ ଲୋକଙ୍କର ସମସ୍ୟା ସହିତ ନିଜକୁ ସମ୍ପୃକ୍ତ କରିବାରେ ଓ ସେମାନଙ୍କୁ ସେମାନଙ୍କ ହକ୍ ପାଇଁ ଲଢ଼ିବାରେ, ତାଙ୍କୁ ହିମ୍ମତ ଦେବାରେ ଓ ତାଙ୍କ ସହ ଠିଆହେବାରେ ଅତିବାହିତ କଲେ । ତାଙ୍କ ଲୋକ ରାଜନୀତିର ମଂଚ ହେଲା 'ଲୋକଶକ୍ତି ଅଭିଯାନ' ଯାହାର ସେ କଲେ ପୃଷ୍ଠପୋଷକତା ଓ ଏହାର ଦାୟିତ୍ୱ ନେଲେ  ଡକ୍ଟର ଆନନ୍ଦ କୁମାର ଓ ପ୍ରଫୁଲ୍ଲ ସାମନ୍ତରାଙ୍କ ପରି ସେ ସମୟର ଯୁବକ । ଏହି ମଂଚର ଆନୁକୂଲ୍ୟରେ ରବି ବାବୁ ଉଠାଇଲେ ବିସ୍ଥାପନର ପ୍ରତିକୂଳ ପ୍ରଭାବର ପ୍ରସଙ୍ଗ, ଉଦାରୀକରଣ, ଘରୋଇକରଣ ଓ ଜଗତୀକରଣର ବିରୋଧରେ ସ୍ୱର । ଏହିପରି ସାଧାରଣ ଲୋକର ସମସ୍ୟା, ଯୁବକଙ୍କର ସମସ୍ୟା, ନାରୀଙ୍କର ସମସ୍ୟାକୁ ଦୃଢ଼ତାର ସହ ଉ ।ପନ କରୁଥିଲେ । କେତେଦୂର ଏହା ଯୁବ ଗୋଷ୍ଠୀକୁ ପ୍ରଭାବିତ କରିଛି ତାହା ଗବେଷଣାସାପେକ୍ଷ । କିନ୍ତୁ ସେ ନିଜେ ବୋଧହୁଏ ଖୁବ ବେଶୀ ଆଶାନ୍ୱିତ ନ ଥିଲେ । ତା ନହେଲେ ସେ ତାଙ୍କ ଛାତ୍ର ସମୟକୁ ସ୍ମରଣ କରି, ଯେତେବେଳେ ସେମାନେ ମାର୍କ୍ସବାଦ, ସମାଜବାଦ, ଗାନ୍ଧୀବାଦ ଇତ୍ୟାଦି ସମ୍ପର୍କରେ ଆଲୋଚନା କରୁଥିଲେ, କୁହନ୍ତେ⁸ ନାହିଁ ,"ସେ ଦିନଗୁଡ଼ିକ ସହିତ ମୁଁ ଆଜିର ଅବସ୍ଥାକୁ ତୁଳନା କରି ଦେଖିଲେ ହତାଶ ଲାଗୁଛି । ଆମେ ଛ' କିଲୋମିଟର ଚାଲି ଚାଲି ଯାଉଥିଲେ ଏହିଭଳି ଆଲୋଚନା କରିବାକୁ । ଏବେ ଏଭଳି ଗମ୍ଭୀର ଆଲୋଚନା ଯଦି କଲେଜ ହଲରେ ମଧ୍ୟ ହେଉଛି ତେବେ ବି ପିଲାଏ ଆସୁନାହାନ୍ତି ।"

## ନବକୃଷ୍ଣ ଚୌଧୁରୀଙ୍କ ସହ ସାଦୃଶ୍ୟ

ରବି ବାବୁଙ୍କର ରାଜନୈତିକ ଯାତ୍ରା ଦେଖିଲେ ନବକୃଷ୍ଣ ଚୌଧୁରୀଙ୍କର ରାଜନୈତିକ ବ୍ୟକ୍ତିତ୍ୱ ସହ ତାଙ୍କ ବ୍ୟକ୍ତିତ୍ୱର ସାଦୃଶ୍ୟ ଥିବା ମନେ ହୁଏ । ନବକୃଷ୍ଣ ଚୌଧୁରୀଙ୍କ ରାଜନୈତିକ ବ୍ୟକ୍ତିତ୍ୱ ତାଙ୍କ ପାଇଁ ଅନୁକରଣୀୟ ଥିଲା । ସେ କୁହନ୍ତି⁹, "ରାଜନୀତିରେ ଏପରି

କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କ୍ଷମତା ପାଇଁ ନୀତି ଆଦର୍ଶକୁ ମଧ୍ୟ ଜଳାଞ୍ଜଳି ଦେଇଥାନ୍ତି, ମାତ୍ର ଆଉ କେତେକ ଋଷିପ୍ରତିମ ବ୍ୟକ୍ତି ଅଛନ୍ତି ଯେଉଁମାନେ ଆଦର୍ଶ ପାଇଁ କ୍ଷମତାକୁ ଅତ୍ୟନ୍ତ ତୁଚ୍ଛ ମନେ କରନ୍ତି । ନବକୃଷ୍ଣ ଚୌଧୁରୀ ସେହିଭଳି ଜଣେ ଆଦର୍ଶ ବ୍ୟକ୍ତିତ୍ୱ ।"

## ***ଜାତିପ୍ରଥା ବିରୋଧୀ***

ରବିବାବୁଙ୍କର ଜାତି ନଥିଲା । ଏହା ସେ ଛାତ୍ରାବସ୍ଥାରୁ ମାନି ଆସୁଥିଲେ । ଏକଦା ଛାତ୍ରାବସ୍ଥାରେ ସେ ପରୀକ୍ଷା ଫର୍ମ ପୂରଣ କରିବାବେଳେ° ଜାତୀୟତାସ୍ଥାନରେ ଲେଖିଥିଲେ 'ଭାରତୀୟ' କିନ୍ତୁ ଜାତି ସ୍ଥାନରେ ପକାଇ ଥିଲେ 'X' । ଅଧ୍ୟକ୍ଷଙ୍କର ଧମକ ଯେ ଏହା କଲେ ସେ ପରୀକ୍ଷା ଦେଇ ପାରିବେ ନାହିଁ, ତାହା ତାଙ୍କୁ ଡରାଇ ପାରିନଥିଲା । ବରଂ ସେ ଯଦି ଏଥି ପାଇଁ ପରୀକ୍ଷା ଦେବାରୁ ବଂଚିତ ହୁଅନ୍ତି ତାହାହେଲେ ସେ ଏହାକୁ ବରଣ କରିବେ ବୋଲି ଅଧ୍ୟକ୍ଷଙ୍କୁ ଜଣାଇ ଦେଇଥିଲେ । କିନ୍ତୁ ଦେଖନ୍ତୁ ଅଧ୍ୟକ୍ଷଙ୍କର ଉଦାରତା ସେ ରବି ବାବୁଙ୍କର ଏହି ନିଷ୍ପତ୍ତିକୁ ଅନ୍ୟଥା ନେଲେ ନାହିଁ, ପରୀକ୍ଷା ଦେବା ପାଇଁ ଅନୁମତି ଦେଇଦେଲେ । ଅଧ୍ୟକ୍ଷ ଥିଲେ ମହେଶ ପ୍ରଧାନ । (ପୃ ୨୨) ରବି ବାବୁଙ୍କର ଜାତି ପ୍ରଥା ବିରୋଧରେ ମନୋଭାବ ଥିଲା କଠୋର । ଏହାର ଉଚ୍ଛେଦ ହେବା ଉଚିତ । ତେଣୁ ସେ ବାଚସ୍ପତି ଥିବାବେଳେ ବିଶ୍ୱବିଦ୍ୟାଳୟ ଓ କଲେଜର ପାଠ୍ୟକ୍ରମରେ ସମ୍ବିଧାନର ପ୍ରଣେତା ଆମ୍ବେଦକରଙ୍କ ଲିଖିତ Annihilation of Castesକୁ ଅନ୍ତର୍ଭୁକ୍ତ କରିବା ପାଇଁ ପରାମର୍ଶ ଦେଉଥିଲେ[୧୦] । ଭାରତୀୟତା ତାଙ୍କର ଥିଲା ଜାତୀୟତା । କିନ୍ତୁ ଆଜିକା ରାଜନୈତିକ ପରିବେଶରେ ଜାତୀୟତାକୁ ପ୍ରମାଣ କରିବାକୁ ଦାବି କରୁଥିବା ସରକାର ଓ ତାହାର ସାଂସ୍କୃତିକ ପୃଷ୍ଠପୋଷକ ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘର ରବି ବାବୁ ଥିଲେ ତୀବ୍ରବିରୋଧୀ । କାରଣ ସେ ଥିଲେ ଯେକୌଣସି ପ୍ରକାର ସାମ୍ପ୍ରଦାୟିକତାର ବିରୋଧୀ ।

## ***କାଶ୍ମୀର ଓ ରବି ବାବୁ***

ରବିବାବୁ ୧୯୯୩ ମସିହାରେ, ସେତେବେଳେ ସେ ଲୋକସଭା ସଦସ୍ୟ ଥିଲେ, କଟକର ସହିଦଭବନଠାରେ ଏକ ସଭାରେ କାଶ୍ମୀର ସମ୍ପର୍କରେ କିଛି ଐତିହାସିକ ତଥ୍ୟକୁ ଉପସ୍ଥାପନ କରିବାବେଳେ ରାଷ୍ଟ୍ରୀୟ ଏକତା ବିରୋଧରେ ବିଜେପି ଓ ଆର ଏସ୍ ଏସ୍ କିପରି କାର୍ଯ୍ୟ କରୁଛନ୍ତି ଓ ଐତିହାସିକ ସତ୍ୟକୁ ହିନ୍ଦୁ ମୌଳବାଦୀମାନେ ଚପାଇ ଦେବାର ଉଦ୍ୟମ କରୁଛନ୍ତି, ଏହା ମଧ୍ୟ ସେ କହିଥିଲେ । ଯାହାର ଫଳ ହେଲା ତାଙ୍କରି ଭାଷାରେ[୧୧], "ଉକ୍ତ ଭାଷଣ ପ୍ରଦାନର କିଛିଦିନ ପରେ ମୁଁ ଦିଲ୍ଲୀ ଯାଇ ଗୋଟିଏ ବେନାମୀ ଚିଠି ପାଇଲି । ଉକ୍ତ ପୋଷ୍ଟକାର୍ଡରେ ଲେଖା ଯାଇଥିବା ଉକ୍ତ ଚିଠିଟି କଟକରୁ ପଠାଯାଇଥିଲା । ସେଥିରେ ମୋତେ ବିଭିନ୍ନ ପ୍ରକାରର ଗାଳିଗୁଲଜ କରାଯିବା ସହିତ ଭାରତ ଛାଡି ମୋତେ ମୁସଲମାନବହୁଳ ଇରାନରେ ବସବାସ କରିବା ନିମିତ୍ତ ପରାମର୍ଶ ଦିଆଯାଇଥିଲା । 'ଐତିହାସିକ ତଥ୍ୟଟିର କେନ୍ଦ୍ରରେ ଥିଲା ଭାରତରେ ମିଶିବା କ୍ଷେତ୍ରରେ କାଶ୍ମୀର ମହାରାଜା ହରି ସିଂହଙ୍କ ସନ୍ଦିଗ୍ଧ ଭୂମିକା, ଓ ଅପର ପକ୍ଷରେ ମୁସଲମାନ ହୋଇ ମଧ୍ୟ ଶେଖ ଅବଦୁଲ୍ଲାଙ୍କର ଦୃଢ଼କଣ୍ଠରେ ଘୋଷଣା "ଯେ କାଶ୍ମୀର ଭାରତ ସହ ରହିଛି ଓ ରହିବ ।" ଶେଖ ଅବଦୁଲ୍ଲାଙ୍କ ଭାରତ ସପକ୍ଷରେ ଭୂମିକା କେତେ ଆନ୍ତରିକ ଓ ଶକ୍ତିଶାଳୀ ଥିଲା ତାର ନଜିର ମିଳେ ଯେତେବେଳେ ଦୋଦୁଲ୍ୟମାନ ମହାରାଜା ହରି ସିଂହ କାଶ୍ମୀର ଭିତରକୁ ପାକିସ୍ଥାନ ସାମରିକ ବାହିନୀର ପ୍ରବେଶକୁ ପ୍ରତିହତ କରିବା ପାଇଁ ଭାରତରେ ସାମିଲ ହେବାର ବୁଝାମଣା ପତ୍ର ସ୍ୱାକ୍ଷର କଲେ ଓ ସାମରିକ ସାହାଯ୍ୟ ଭିକ୍ଷା କଲେ ଓ ଭାରତ ସରକାର ସାମରିକ ବାହୀନୀ ପଠାଇବାର ନିଷ୍ପତ୍ତି ନେଲେ ସେତେବେଳେ ଶେଖ ଅବଦୁଲ୍ଲା ତାଙ୍କ ଦଳ All-Jammu and Kashmir National Conference ତରଫରୁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରିଥିଲେ ଓ ଶୀଘ୍ର ସାମରିକ ବାହୀନୀ ପଠାଇବା ପାଇଁ ଅନୁରୋଧ କରିଥିଲେ ବୋଲି ଲେଖନ୍ତି ଭି. ପି. ମେନନ । ସେ ମଧ୍ୟ ଲେଖନ୍ତି କିପରି ମହମ୍ମଦ ଅଲ୍ଲୀ ଜିନ୍ନା କହୁଥିଲେ ଯେ ଯେତେଦିନ ଯାଏ ଶେଖ ଅବଦୁଲ୍ଲା କ୍ଷମତାରେ ଅଛନ୍ତି ଓ ଭାରତୀୟ ସୈନ୍ୟବାହିନୀ କାଶ୍ମୀରରେ, ସେତେବେଳ ଯାଏ ସେ ଅଂଚଳର ଲୋକେ ପାକିସ୍ଥାନରେ ମିଶିବା ସପକ୍ଷରେ ଭୋଟ ଦେବେ ନାହିଁ[୧୨] । ଭି.ପି. ମେନନ, ସର୍ଦ୍ଦାର ପଟେଲଙ୍କ ସହ ମିଶି ରାଜା ଶାସିତ ରାଜ୍ୟଗୁଡିକୁ ଭାରତରେ ମିଶାଇବାରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ । ରବି ବାବୁଙ୍କର ଉପରୋକ୍ତ ଅଭିଜ୍ଞତାର ଦୁଇଦଶନ୍ଧି ପରେ, ଗତ ୩/୪ ବର୍ଷରେ ଆମେ ଯେତେବେଳେ କେତେକଙ୍କୁ ପାକିସ୍ଥାନ ପଳାଇ ଯିବା ପାଇଁ ପରାମର୍ଶ ଦିଆ ଯାଉଥିବା ଶୁଣୁଛୁ, ସେତେବେଳେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କାରଣ ଆଜି ଯେଉଁମାନେ ଏପରି ପରାମର୍ଶ ଦେଉଛନ୍ତି ସେମାନେ ବୋଧହୁଏ ସେମାନଙ୍କର 'ଯୋଗ୍ୟ' ଦାୟାଦ ଯେଉଁମାନେ ରବିବାବୁଙ୍କୁ ପରାମର୍ଶ ଦେଉଥିଲେ ମୁସଲମାନ ବହୁଳ ରାଜ୍ୟକୁ ପଳାଇ ଯିବାକୁ । ତେଣୁ ଏହିଭଳି ପରାମର୍ଶ ବା ଧମକ ପୂର୍ବେ ଦିଆଯାଉଥିଲା, ଆଜି ମଧ୍ୟ ଦିଆଯାଉଛି ।

ରବି ବାବୁଙ୍କର ବ୍ୟକ୍ତିତ୍ୱର ଉଦାହରଣ ଆଜିର ଯୁବସମାଜ ପାଖରେ ରଖାଯିବାର ଆବଶ୍ୟକତା ରହିଛି । "ସତ୍ୟ ଯେତେ ଅପ୍ରୀତିକର ହେଲେ ମଧ୍ୟ ତାକୁ ସାମ୍ନା କରିବାର ସତ୍‌ସାହସ" ଯାହା ତାଙ୍କର ଥିଲା ତାହା ଯୁବସମାଜ ମଧ୍ୟରେ ଜାଗ୍ରତ ହେବାର ଆବଶ୍ୟକତା ଅଛି । ସେ ସଂସ୍କୃତିକୁ ଫେରାଇ ଆଣିବାର ଆବଶ୍ୟକତା ଅଛି ଯେଉଁ ସଂସ୍କୃତି ଏହି ସତ୍‌ସାହସ ରବିବାବୁଙ୍କୁ ଦେଇଥିଲା ଯାହଦ୍ୱାରା ଆଜିର ଯୁବସମାଜ ଓ ସଚେତନ ନାଗରିକ  ମଧ୍ୟରେ ସୃଷ୍ଟି ହେବ ସେହି ସତ୍‌ସାହସ । ଛାତ୍ର ରାଜନୀତିରୁ ବାହାରି ଥିବା ଜଣେ ବ୍ୟକ୍ତିର ରାଜନୈତିକ ଜୀବନ କେତେ ଅନୁକରଣୀୟ ହୋଇପାରେ ତାହାର ଆକଳନର ମଧ୍ୟ ଆବଶ୍ୟକତା ରହିଛି ।

***<u>ସମ୍ବିଧାନ ଦିବସ ଓ ସ୍ମାରକୀ ବକ୍ତୃତା</u>***

ତେବେ ଆଜିର ଦିନଟିକୁ 'ସମ୍ବିଧାନ ଦିବସ' ବୋଲି ଘୋଷଣା ହୋଇଥିବା ମୋତେ ବେଶ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ମନେ ହୁଏ । କାରଣ ଏହି ଭଳି ଘୋଷଣା ମାତ୍ର ଦୁଇବର୍ଷ ତଳେ ହିଁ ହୋଇଅଛି, ୧୯ ନଭେମ୍ବର ୨୦୧୫ ଦିନ ଏକ ଭାରତ ସରକାରଙ୍କ ଗେଜେଟ ନୋଟିଫିକେସନ ଜରିଆରେ । ଏହା ପୂର୍ବରୁ, ୧୯୭୯ ମସିହା ଠାରୁ, ସୁପ୍ରିମକୋର୍ଟ ବାର ଆସୋସିଏସନର ଏକ ରିଜୋଲ୍ୟୁସନ ଅନୁସାରେ, ଏହି ଦିନକୁ ଜାତୀୟ ଆଇନ ଦିବସ (National Law Day) ଭାବେ ପାଳନ କରାଯାଉଥିଲା[୧୩] । କାହିଁକି ଏପରି କରାଗଲା ? ସ୍ମରଣ କରାଯାଇପାରେ ଯେ ୨୦୧୫,୨୬ ଜାନୁଆରୀ ଦିନ ଭାରତ ସରକାରଙ୍କ ତରଫରୁ ଜାରି କରାଯାଇଥଲା ଏକ ବିଜ୍ଞାପନ[୧୪] ଯେଉଁଥିରେ ପ୍ରକାଶିତ ସମ୍ବିଧାନର ପ୍ରସ୍ତାବନାରେ ବାଦ ପଡ଼ିଥିଲା  'ସମାଜବାଦ' ଓ 'ଧର୍ମନିପେକ୍ଷ'; ଏନ୍‌ଡିଏର ଭାଗୁଆଳୀ ଶିବ ସେନା ସେହି ସମୟରେ ଦାବି କରୁଥିଲା ଯେ ଏହି ଦୁଇ ପଦକୁ ସମ୍ବିଧାନର ପ୍ରସ୍ତାବନାରୁ ବାଦ ଦିଆଯାଉ[୧୫] ଓ ଆର ଏସ୍ ଏସ୍ ର ସରସଂଘଚାଳକ ମୋହନ ଭାଗଓ୍ୱତ ଭାରତ ଏକ ହିନ୍ଦୁ ରାଷ୍ଟ୍ର ବୋଲି ଦାବି କରୁଥିଲେ[୧୬] । ଭାରତ ସରକାରଙ୍କ ପ୍ରେସ ଇନଫର୍ମେସନ ବ୍ୟୁରୋ ଦ୍ୱାରା ୨୩ ନଭେମ୍ବର ୨୦୧୫ ଦିନ ଜାରି ବିଜ୍ଞପ୍ତିରେ[୧୭] ୨୬ ନଭେମ୍ବର ୨୦୧୫କୁ **ପ୍ରଥମ ସମ୍ବିଧାନ ଦିବସ** ବୋଲି ପାଳନ କରିବାକୁ ଦେଶର ସମସ୍ତ ଶିକ୍ଷାୟତନମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଅବଶ୍ୟ କୁହାଯାଇଥିଲା ଯେ Preamble to the Constitution (as it exists on date) to be read out in school assembly on 26th November, 2015 by all students.। ଅର୍ଥାତ୍ ସେହିଦିନ ସମ୍ବିଧାନର ପ୍ରସ୍ତାବନା ଯାହା ଥିଲା ତାହାକୁ ସେହିଭଳି ପିଲାଙ୍କ ସମାବେଶରେ ୨୬ ନଭେମ୍ବର ୨୦୧୫ ଦିନ ପଢ଼ିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କାହିଁକି ବନ୍ଧନୀରେ ଲେଖିଲେ 'as it exists on date' ? ଏକ ଧାରଣା ଦେବାକୁ କି ଯେ ଏନ୍‌ଡିଏ ସରକାର ପ୍ରସ୍ତାବନାକୁ ପରିବ ର୍ନ ବ ର୍ମାନ କରି ନାହାନ୍ତି ? ତେଣୁ ସରକାରୀ ନଥି ଅନୁସାରେ ଆଜି ୩ୟ ସମ୍ବିଧାନ ଦିବସ । ଏହି ଅବସରରେ 'ସମ୍ବିଧାନର ସାର୍ବଭୌମତ୍ୱ: ପ୍ରସଙ୍ଗ ଓ ଆହ୍ୱାନ' ଶିରୋନାମରେ ଆଲୋଚନା ପାଇଁ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶାର କୁଳପତି ପ୍ରଫେସର ଡକ୍ଟର କୃଷ୍ଣଦେବ ରାଓ ଜଣେ ସଠିକ ଓ ଯୋଗ୍ୟ ବ୍ୟକ୍ତି । ସେ ଭାରତରେ ଚାଲିଥିବା civil liberty movementରେ ଏକଦା ସକ୍ରିୟ ଥିଲେ ଓ ରାଷ୍ଟ୍ର 'alternative lawyers' ଆବଶ୍ୟକ କରେ ବୋଲି ବିଶ୍ୱାସ କରୁଥିଲେ[୧୮] । ତାଙ୍କର ସବୁଠାରୁ ପ୍ରିୟ ଉଦ୍ଧୃତି (quotation) ହେଉଛି "ଆମର ଐତିହ୍ୟ ସହିଷ୍ଣୁତାର ଶିକ୍ଷା ଦିଏ, ଆମର ଦର୍ଶନ ସହିଷ୍ଣୁତାର ପ୍ରଚାର କରେ, ଆମର ସମ୍ବିଧାନ ସହିଷ୍ଣୁତାର ଅଭ୍ୟାସ କରେ, ଏହାକୁ ପାଣିଚିଆ କରା ନଯାଉ ।" ( "Our tradition teaches tolerance; our philosophy preaches tolerance; our Constitution practices tolerance; let us not dilute it.")  ଏହା କହିଥିଲେ ସୁପ୍ରିମକୋର୍ଟର ମାନ୍ୟବର ପୂର୍ବତନ ବିଚାରପତି O. Chinnappa Reddy ତାଙ୍କର ୧୯୮୬ ମସିହାରେ ପ୍ରଦ   ଏକ ଐତିହାସିକ ରାୟରେ ଲେଖିଥିଲେ[୧୯]। ଏହି ଉକ୍ତିଟି ଖୁବ ଶକ୍ତିଶାଳୀ । ଏହାକୁ ଉଦ୍ଧାର କରି ଆଇନଜ୍ଞ ପୂର୍ବତନ ଆଟର୍ଣ୍ଣି ଜେନେରାଲ ସୋଲି ସୋରାବଜୀ ସୁପ୍ରିମକୋର୍ଟର ଏକ ଅନ୍ତରୀଣ ଆଦେଶ (୩୦ନଭେମ୍ବର ୨୦୧୬)କୁ ପୁନର୍ବିଚାର ପାଇଁ ଯୁକ୍ତି ବାଢିଥିଲେ, ଆଦେଶଟି ଥିଲା ସିନେମା ହଲରେ ସିନେମା ଆରମ୍ଭ ପୂର୍ବରୁ ଜାତୀୟ ସଂଗୀତ ନିଶ୍ଚୟ ବାଜିବ ଓ ଏହାକୁ ସମ୍ମାନ ଦେଖାଇ ଦର୍ଶକମାନେ ଠିଆହେବେ । ଏହି ଆଦେଶ ସହିଷ୍ଣୁତାର ଦର୍ଶନକୁ ଲଘୁ କରିଦେଉଛି ବୋଲି ସେ ଅଭିଯୋଗ କରିଥିଲେ । ତାଙ୍କ ଭାଷାରେ[୨୦], "The recent interim orders and judgment of the Supreme Court dated 30 November dilute, in substance, the philosophy of tolerance."  ଅବଶ୍ୟ ଏହି ଅନ୍ତରୀଣ ଆଦେଶ ଇତ୍ୟବସରରେ ପୁନର୍ବିଚାର ହୋଇଛି (୨୩/୧୦/୨୦୧୭) ଓ ଏହି ଅନ୍ତରୀଣ ଆଦେଶକୁ ବଦଳାଇବାର ଅଧିକାର କେନ୍ଦ୍ର ସରକାରଙ୍କୁ ଦିଆଯାଇଛି । ("...the discretion rests with the Central Government. The discretion has to be exercised without being influenced by our interim

order.”.) ଆଉ ସିନେମା ହଲରେ ଜାତୀୟ ସଂଗୀତ ବାଜିଲାବେଳେ ଠିଆହେବାକୁ ପଡିବ ନାହିଁ ବୋଲି ଗଣମାଧ୍ୟମରେ ସମ୍ବାଦ ପ୍ରକାଶିତ ହୋଇଛି[୧୮] । କୃଷ୍ଣଦେବ ରାଓ ମହୋଦୟ ଯେତେବେଳେ ଚିନ୍ନପ୍ପା ରେଡ୍ଡୀଙ୍କର ଉକ୍ତିକୁ ତାଙ୍କର ସବୁଠାରୁ ପ୍ରିୟ ଉଦ୍ଧୃତି ବୋଲି କୁହନ୍ତି ସେତେବେଳେ ମନେପଡେ ବାଚସ୍ପତି ରବି ରାୟ କିପରି ରାମସ୍ୱାମୀଙ୍କ ବିରୋଧରେ ଅଭିଯୋଗର ତଦନ୍ତ ପାଇଁ ପ୍ରସ୍ତାବିତ ତିନିଜଣିଆ କମିଟିରେ ଚିନ୍ନାପ୍ପା ରେଡ୍ଡୀଙ୍କୁ ରଖିବା ପାଇଁ ଥିଲେ ବ୍ୟଗ୍ର । ତା’ନହେଲେ ରବିବାବୁଙ୍କର ଅନୁରୋଧର ଉ ରରେ ଯେତେବେଳେ ଚିନ୍ନପ୍ପା ରେଡ୍ଡୀ କହୁଛନ୍ତି, “ମୋର ବାଇପାସ ସର୍ଜରୀ ହେବ । ଆପଣ ଆଉ କାହାକୁ ନିଅନ୍ତୁ ।” ସେତେବେଳେ ରବିବାବୁ କୁହନ୍ତେ ନାହିଁ”, “ଆପଣ ସର୍ଜରୀ କରାନ୍ତୁ । ମାସକ ପରେ ଆମେ ବସିବା ।” ଚିନ୍ନପ୍ପା ରେଡ୍ଡୀଙ୍କର ଆଇନରେ ଦକ୍ଷତା ଓ ସାଧୁତା ସମ୍ପର୍କରେ ରବି ରାୟଙ୍କର ଧାରଣା ଏତେ ଦୃଢ଼ ଥିଲା ଯେ ସେ ହିଁ ତଦନ୍ତ କମିଟିରେ ନିହାତି ରହିବେ ଏହିଭଳି ଯେପରି ସେ ସ୍ଥିର କରି ନେଇଥିଲେ । କହିବା ବାହୁଲ୍ୟ ଯେ ରବି ରାୟ ଓ କୃଷ୍ଣଦେବ ରାଓଙ୍କ ପସନ୍ଦରେ ରହିଛି ସାଦୃଶ୍ୟ । ଏହା ବୋଧହୁଏ ଏକ ଅପୂର୍ବ ସଂଯୋଗ ଯେ ରବିବାବୁଙ୍କ ସ୍ମରଣରେ ଓ ସମ୍ବିଧାନ ଦିବସରେ ପାଳିତ ଏହି ସମ୍ମାନରେ ପ୍ରଫେସର ରାଓ ଆମ ଗହଣରେ ଅଛନ୍ତି । ଆମେ ସମସ୍ତେ ପ୍ରଫେସର କୃଷ୍ଣଦେବ ରାଓଙ୍କର ବକ୍ତବ୍ୟ ଶୁଣିବା । ସମାଜରେ ଦୃଶ୍ୟମାନ କ୍ରମବର୍ଦ୍ଧିଷ୍ଣୁ ଅସହିଷ୍ଣୁତାର ଶିକାର ଆମ ସମ୍ବିଧାନ ହେବ ନାହିଁ ତ ? ଅସହିଷ୍ଣୁତା କିପରି ଆମର ସମ୍ବିଧାନ ପାଇଁ ଆହ୍ୱାନ ସୃଷ୍ଟି କରିଛି ତାହା ପ୍ରଫେସର ରାଓଙ୍କ ବକ୍ତବ୍ୟରୁ ବୁଝିବା ପାଇଁ ଚେଷ୍ଟା କରିବା ।

<u>ବ୍ୟବହୃତ ଉପାଦାନ ସୂଚୀ</u>


୧.ଅନ୍ୱେଷାର ଆକାଶ, ରବି ରାୟ, ଲୋହିଆ ଏକାଡେମୀ ଟ୍ରଷ୍ଟ, ୨୦୦୫, ପୃ ୮୫ ଓ ୯୦

୨.The Office of Speaker Lok Sabha , http://speakerloksabha.nic.in/roleofthespeaker.asp

୩.ଅନ୍ୱେଷାର ଆକାଶ, ରବି ରାୟ, ଲୋହିଆ ଏକାଡେମୀ ଟ୍ରଷ୍ଟ, ୨୦୦୫, ପୃ ୭୮

୪.Mister Embarrasment ,Paranjoy Guha Thakurta bureau reports with , January 31, 1991| UPDATED 13:20 IST, Subramanian Swamy embarrasses himself by threatening Lok Sabha Speak... http://indiatoday.intoday.in/story/subramanian-swam y-embarrasses-himsel

୫.ଅନ୍ୱେଷାର ଆକାଶ, ରବି ରାୟ, ଲୋହିଆ ଏକାଡେମୀ ଟ୍ରଷ୍ଟ, ୨୦୦୫, ପୃ ୫୨.

୬.ଅନ୍ୱେଷାର ଆକାଶ, ରବି ରାୟ, ଲୋହିଆ ଏକାଡେମୀ ଟ୍ରଷ୍ଟ, ୨୦୦୫, ପୃ ୭୨

୭.ଅନ୍ୱେଷାର ଆକାଶ, ରବି ରାୟ, ଲୋହିଆ ଏକାଡେମୀ ଟ୍ରଷ୍ଟ, ୨୦୦୫, ପୃ ୨୨

୮.ଅନ୍ୱେଷାର ଆକାଶ, ରବି ରାୟ, ଲୋହିଆ ଏକାଡେମୀ ଟ୍ରଷ୍ଟ, ୨୦୦୫, ପୃ ୧୦୪

୯.ଅନ୍ୱେଷାର ଆକାଶ, ରବି ରାୟ, ଲୋହିଆ ଏକାଡେମୀ ଟ୍ରଷ୍ଟ, ୨୦୦୫, ପୃ ୨୧

୧୦.ଅନ୍ୱେଷାର ଆକାଶ, ରବି ରାୟ, ଲୋହିଆ ଏକାଡେମୀ ଟ୍ରଷ୍ଟ, ୨୦୦୫, ପୃ ୧୧୨

୧୧.ଅନ୍ୱେଷାର ଆକାଶ, ରବି ରାୟ, ଲୋହିଆ ଏକାଡେମୀ ଟ୍ରଷ୍ଟ, ୨୦୦୫, ପୃ ୧୧୪

୧୨.THE STORY OF THE INTEGRATION OF THE INDIAN STATES V. P. MENON , LONGMANS, GREEN AND CO LONDON · NEW YORK · TORONTO, 1955, p.275 ଓ p.278

୧୩.Constitution Day or National Law Day? What NarendraModi govt did to ... http://indiatoday.intoday.in/story/constitution-day -or-national-law-day-wh....

୧୪.Government Ad With Old Preamble To Constitution Creates Furore http://www.huffingtonpost.in/2015/01/27/modi-governments-republic_n_.

୧୫.Preamble politics | Frontline http://www.frontline.in/the-nation/preamble-politics/article6901634.ece?;Shiv Sena demands removal of ‘secular ’from Constitution ,By: Express News Service| Mumbai | Updated: January 29, 2015,http://indianexpress.com/article/india/politics/shiv-sena-demands-removal-of-secular-from-const...

୧୬.India is our Hindu rashtra: RSS chief,TNN | Dec 21, 2014 , http://timesofindia.indiatimes.com/india/India-is-our-Hindu-rashtra-RSS-chief/ articleshow/45590219.cms ; India is a Hindu Rashtra: Bhagwat , Mohammad Ali ,The Hindu , February 9, 2015 , http://www.thehindu.com/news/national/other-states/india-is-a-hindu-rashtra-bhagwat/article68.

୧୭.26th November to be observed as'Constitution Day' http://pib.nic.in/newsite/PrintRelease.aspx?relid=131806...;

୧୮.http://www.legaldesire.com/interview-prof-sri-krishna-deva-rao-vice-chancellor-national-law-university-odisha/;Interviewer: Swagata Banerjee, Campus Ambassador, Legal Desire Media and Publications.

୧୯..Bijoe Emmanuel & Ors vs State Of Kerala & Ors on 11August, 1986

୨୦.Judicial authoritarianism: Supreme Court’s order on national anthem dilutes constitutional freedoms and must be reviewed , Soli Sorabjee, December 5, 2016, https://blogs.timesofindia.indiatimes.com/toi-edit-page/judicial-authoritarianism-supreme-courts-order-on-national-anthem-dilutes-co

୨୧.Supreme Court On National Anthem: 'No Need To StandAt Cinema To Pr... https://www.ndtv.com/india-news/no-need-for-anthem-at-cinema-for-patri..

୨୨.ମାଟିରୁ ଆକାଶ, ସୁଲୋଚନା ଦାସ, ବିଦ୍ୟାପୁରୀ, ୨୦୦୫, ପୃ ୨୪୫...